# ଦୂରଦୃଷ୍ଟିଶକ୍ତି ବିହୀନ ଆମେରିକୀୟ ଦୃଷ୍ଟିକୋଣ

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଗତକାଲି ଶୁଣାଣିରେ ୨୦୦୨ ଦଙ୍ଗାରେ ଏସ.ଆଇ.ଟି ରିପୋର୍ଟକୁ ଗ୍ରହଣ କରି ମୋଦିଙ୍କ ବିରୋଧରେ ଦାଖଲ ହୋଇଥିବା ଚାର୍ଜସିଟକୁ ଖାରଚ କରିବା ବାସ୍ତବରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏକ ମିଥ୍ୟା ତଥ୍ୟକୁ କିପରି ଭାବରେ ସୁଚିନ୍ତିତ ଭାବରେ ଉପସ୍ଥାପନା କରାଗଲା ଏହା ତାହାର ଏକ ଜ୍ୱଳନ୍ତ ନିଦର୍ଶନ । କିଛି ଗଣମାଧ୍ୟମ, କିଛି ଏନ.ଜି.ଓ କେବଳ ନରେନ୍ଦ୍ର ମୋଦିଙ୍କୁ ଫଶାଇ ଉତ୍ତରୋତ୍ତର ଉନ୍ନତି କରିଚାଲିଛନ୍ତି । ଏପରି ସରକାରଙ୍କ ବିରୋଧରେ ହିଂସାତ୍ମକ କାର୍ଯ୍ୟର ବିଶ୍ଳେଷଣ ହେବା ନିହାତି ଜରୁରୀ । ହେଲେ ଦେଶର ମୁଖ୍ୟ ବିଚାରପତି କେଶକୁ ପୂରାପୂରି ନଦେଖି ତାହା ସମ୍ବନ୍ଧରେ ଏକ ଅନୁପଯୁକ୍ତ ମତାମତ ଦେଇଥିଲେ । ଜଣେ ସମ୍ପାଦକ ଏହାକୁ ଗଣହତ୍ୟା ବୋଲି କହିବା ସହ ଦେଶ ବାହାରେ କିଛି ଦେଶ ନିଜ ଦୃଷ୍ଟିକୋଣରୁ ମୋଦିଙ୍କୁ ଭୂଲ ବୋଲି କହିଛନ୍ତି । ସେମାନେ ଆହୁରି ମଧ୍ୟ ପ୍ରଚାର କରୁଛନ୍ତି କି ୨୦୦୨ ଦଙ୍ଗା ପାଇଁ ମୋଦିଙ୍କୁ ଯେପରି ଜଡ଼ିତ କରାଯାଇଅଛି ଦେଶ ସ୍ୱାଧୀନ ହେବା ପରଠାରୁ ଏଭଳି କୌଣସି ନେତାଙ୍କ ବିରୋଧରେ ତଦନ୍ତ କରାଯାଇନାହିଁ । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ବିରାଧରେ କେଶକୁ ଅନୁଧ୍ୟାନ କରି କିଛି ଉଚ୍ଚପଦସ୍ଥ  ଅଫିସରଙ୍କୁ ବାଛି ତାହାଙ୍କ ବିରୋଧରେ ତଦନ୍ତ କରିବାର ଦାୟିତ୍ୱ ଦେଇଛନ୍ତି । ଉକ୍ତ ତଦନ୍ତକାରୀ ସଂସ୍ଥା ଶହ ଶହ ସାକ୍ଷୀଙ୍କୁ ଜେରା କରିଅଛି । ଏପରିକି ଏସ.ଆଇ.ଟି ଗୁଜୁରାଟ ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘ ୯ ଘଣ୍ଟା ଧରି ଜେରା କରିଥିଲେ । ଯେତେବେଳେ ଏସ.ଆଇ.ଟି ତାଙ୍କ ସୁପ୍ରିମ କୋର୍ଟ ଯାଞ୍ଚ ପରେ ଦୋଷମୁକ୍ତ କରିବା ପରେ ଗୋଟିଏ ଆମିକସ କ୍ୟୁରୀ ମନ୍ତବ୍ୟ ଦେଇଥିଲେ କି, ଏହା ଉପରେ ନ୍ୟାୟିକ କାର୍ଯ୍ୟପନ୍ଥା ଆବଶ୍ୟକ । ଉକ୍ତ ନ୍ୟାୟିକ ପଦ୍ଧତି ଅନୁଯାୟୀ ତଦନ୍ତ କରିବା ପରେ ମୋଦିଙ୍କ ବିରୋଧରେ କୌଣସି ଠୋସ ପ୍ରମାଣ ନାହିଁ ବୋଲି କୋର୍ଟ ମନ୍ତବ୍ୟ ଦେଇଥିଲା ।

ତେବେ ଉକ୍ତ ଘଟଣା ନେଇ ଆମେରିକାର ମତାମତ ବର୍ତ୍ତମାନ କଅଣ ? କାରଣ ମୋଦିଙ୍କୁ ୨୦୦୫ ମସିହା ପରଠାରୁ ଆମେରିକା ପାଇଁ ଭିସା ଉପଲବ୍ଧ ହେଉନାହିଁ । ମୋର ବ୍ୟକ୍ତିଗତ ମତାମତ ଅନୁଯାୟୀ ମୋଦି ଭିସା ପାଇଁ ଆବେଦନ କରିବା ଅନୁଚିତ । କାରଣ ଆମେରିକା ତାହାର ନିଜସ୍ୱ କୋର୍ଟର ମତାମତ ଅନୁଯାୟୀ ଦୃଷ୍ଟିକୋଣ ରଖୁଅଛି । ଏହା ଭାରତତର ଆଭ୍ୟନ୍ତରୀଣ ଘଟଣାରେ

ହସ୍ତକ୍ଷେପ କରିବା ଭଳି ଘଟଣା ଅଟେ । ଯଦିଓ ମୋଦିଙ୍କ ବିରୋଧରେ କୌଣସି ସାକ୍ଷ୍ୟ ଓ ପ୍ରମାଣ ନାହିଁ ତଥାପି ସେ ମୋଦିଙ୍କୁ ଦୋଷୀ ବୋଲି ଗ୍ରହଣ କରୁଅଛି । ଏହି ଦୂରଦୃଷ୍ଟି ବିହୀନ ଆମେରିକୀୟ ଦୃଷ୍ଟିକୋଣ ଓଲଟା ତାଙ୍କୁ ହିଁ ଭାରୀ ପଡ଼ିବ । ଏହା ଆହୁରି ମଧ୍ୟ ପାରସ୍ପରିକ ଜବାବ ଦେବାର ଉହାହରଣ ଛାଡ଼ିଗଲା କହିଲେ ମଧ୍ୟ ଭୂଲ ହେବନାହିଁ ଏବଂ ଏହା ଆମେରିକା କିପରି ଏହି ଅସମାଚୀନ ପରିସ୍ଥିତି ସହ ନିଜକୁ ଖାପ ଖୁଆଉଅଛି ତାହା ମଧ୍ୟ ପ୍ରତିଫଳିତ କରୁଅଛି ।